# ପ୍ରଫେସର ବାଞ୍ଛାନିଧି ମିଶ୍ର

ଉଦ୍ଭିଦ ବିଜ୍ଞାନ ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ପ୍ରଫେସର ବାଞ୍ଛାନିଧି ମିଶ୍ର ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଗଞ୍ଜାମ ଜିଲ୍ଲା ଆସ୍କା ଅଞ୍ଚଳର ଲାଲାଶାସନରେ ୧୯୩୮



ମସିହା ଜାନୁୟାରୀ ୨୯ ତାରିଖ ଦିନ ତାଙ୍କର ଜନ୍ମ । ରେଭେନ୍ସା କଲେଜରୁ ଉଦ୍ଭିଦ ବିଜ୍ଞାନ ଅନର୍ସରେ ପ୍ରଥମ ସ୍ଥାନ ଓ ଏମ୍.ଏସ୍‌ସି.ରେ ପ୍ରଥମ ଶ୍ରେଣୀ ସହ ଉତ୍ତୀର୍ଣ୍ଣ ହେବାପରେ ୧୯୬୫ରେ ଓଡ଼ିଶାର ପ୍ରସିଦ୍ଧ ବୈଜ୍ଞାନିକ ସ୍ୱର୍ଗତ ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ତତ୍ତ୍ୱାବଧାନରେ ପିଏଚ୍.ଡି. ଡିଗ୍ରୀ ସେ ଅର୍ଜନ କରିଛନ୍ତି । ପ୍ରାୟ ୧୦ ବର୍ଷ ଧରି ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ଅଧ୍ୟାପକ ଭାବେ କାର୍ଯ୍ୟ କଲାପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ପଦବୀରେ ସାଢ଼େ ୩ ବର୍ଷ କଟାଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉଦ୍ଭିଦବିଜ୍ଞାନ ବିଭାଗରେ ରିଡର ଭାବେ ଯୋଗଦିଅନ୍ତି ଏବଂ ପ୍ରଫେସର ରୂପେ ପ୍ରାୟ ୨୦ ବର୍ଷ କାର୍ଯ୍ୟକରି ୧୯୯୮ ଜାନୁୟାରୀରେ ଅବସର ଗ୍ରହଣ କରିଛନ୍ତି ।

ଦୀର୍ଘ ୪୦ ବର୍ଷର କର୍ମଜୀବନରେ ପ୍ରଫେସର ମିଶ୍ର ୯୭ଟି ଗବେଷଣାତ୍ମକ ନିବନ୍ଧ ଖ୍ୟାତିସଂପନ୍ନ ଜର୍ଣ୍ଣାଲମାନଙ୍କରେ ପ୍ରକାଶ କରିଛନ୍ତି । ୨୮ ଜଣ ଗବେଷକ ତାଙ୍କ ତତ୍ତ୍ୱାବଧାନନରେ ପିଏଚ୍.ଡି. ଉପାଧି ଲାଭ କରିଛନ୍ତି । ୬ଟି ବୃହତ୍ ପ୍ରକଳ୍ପର ସଫଳ ରୂପାୟନ କରିବା ସାଙ୍ଗକୁ ୧୯୮୩ରେ ହଙ୍ଗେରୀ ଓ ୧୯୮୯ ରେ ଚୀନ୍ ଗସ୍ତ କରିଛନ୍ତି । 'ଟକ୍ସିକୋଲଜି' ଓ 'ଗ୍ରାସ୍‌ଲ୍ୟାଣ୍ଡ ଇକୋଲଜି' ପ୍ରଭୃତି କ୍ଷେତ୍ରରେ ପ୍ରଫେସର ମିଶ୍ରଙ୍କ ଗବେଷଣା ବେଶ୍ ଗୁରୁତ୍ୱପୂର୍ଣ୍ଣ । ୩ଟି ଉପାଦେୟ ପୁସ୍ତକ ମଧ୍ୟ ସେ ପ୍ରଣୟନ କରିଛନ୍ତି । ବିଭିନ୍ନ ସମୟରେ ବହୁ ସଂଖ୍ୟକ ଗବେଷଣାଧର୍ମୀ ପତ୍ରିକାର ସମ୍ପାଦନା

ମଣ୍ଡଳୀର ସଦସ୍ୟ ଓ ମୁଖ୍ୟଭାବେ କାର୍ଯ୍ୟ କରିଛନ୍ତି । ୧୯୯୩ ରୁ ୧୯୯୬ ଯାଏଁ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ଦ୍ୱାରା ପ୍ରକାଶିତ ପତ୍ରିକା 'ବିଜ୍ଞାନ ଦିଗନ୍ତ'ର ସମ୍ପାଦନା ମଣ୍ଡଳୀରେ ସଦସ୍ୟ ମଧ୍ୟ ରହିଛନ୍ତି । ସେବା ନିବୃତ୍ତି ପରେ ସେ ଦୁଇବର୍ଷ ପାଇଁ ୟୁଜିସି ପ୍ରଫେସର ଇମେରିଟସ୍ ଭାବେ କାର୍ଯ୍ୟ କରିବାର ଗୌରବ ଅର୍ଜନ କରିଛନ୍ତି । ଗବେଷଣାଗତ ସଫଳତା ସକାଶେ ତାଙ୍କୁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋଲଜି'ର ଫେଲୋଶିପ୍ ପ୍ରଦାନ କରାଯାଇଛି ।

କର୍ମଜୀବନରେ ପ୍ରଫେସର ମିଶ୍ର ବିଭିନ୍ନ ପ୍ରଶାସନିକ ପଦରେ କାର୍ଯ୍ୟ କରିଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସିନେଟ୍, ସିଣ୍ଡିକେଟ୍, ଏକାଡ଼େମିକ୍ କାଉନ୍‌ସିଲ ପ୍ରଭୃତିର ସଦସ୍ୟ ରହିବା ସାଙ୍ଗକୁ ଦୁଇମାସ ପାଇଁ କୁଳପତିଙ୍କ ଦାୟିତ୍ୱ ତୁଲାଇଛନ୍ତି । ୟୁଜିସି, ୟୁପିଏସ୍‌ସି ଓ ଭାରତ ସରକାରଙ୍କ 'ଏନ୍‌ଭିରନ୍‌ମେଣ୍ଟାଲ୍ ରିସର୍ଚ୍ଚ କମିଟି' ପ୍ରଭୃତିରେ ବିଶେଷଜ୍ଞ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି ।

ଶିକ୍ଷାଦାନ, ଗବେଷଣା ଓ ପ୍ରଶାସନ କ୍ଷେତ୍ରରେ ପ୍ରଫେସର ମିଶ୍ରଙ୍କ ବହୁମୁଖୀ ଅବଦାନ ସକାଶେ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ୨୦୧୦ ମସିହା ପାଇଁ ତାଙ୍କୁ "ବରିଷ୍ଠ ଓ ବରେଣ୍ୟ ବୈଜ୍ଞାନିକ" ଭାବେ ସମ୍ମାନିତ କରୁଛି ଏବଂ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛି ।

***